# ୨୩

# ପରିବେଶ ସଚେତନତା

ପରିବେଶ କହିଲେ ସମସ୍ତ ଜୀବଜନ୍ତୁ ଓ ଜଡ଼ ବସ୍ତୁକୁ ବୁଝାଯାଏ । ଆମେ ପରିବେଶ ମଧ୍ୟରେ ଜୀବନଧାରଣ କରୁ ଏବଂ ଆମର ଆବଶ୍ୟକତାକୁ ପୂରଣ କରିବାପାଇଁ ବାୟୁ, ଭୂମି ଓ ଜଳ ଭଳି ପାରିପାଶ୍ୱିକ ସାଧନକୁ ବ୍ୟବହାର କରିଥାଉ । ଉନ୍ନୟନର ଅର୍ଥ ଲୋକମାନଙ୍କ ଚାହିଦା ପୂରଣ କରିବା । ଆମର କ୍ରମ-ବର୍ଦ୍ଧିଷ୍ଣୁ ଚାହିଦା ପୂରଣ କରିବା ସମୟରେ ଆମେ ପରିବେଶ ଉପରେ ଚାପ ସୃଷ୍ଟିକରୁ । ପରିବେଶ ଉପରେ ଏହାର ସକ୍ଷମତାଠାରୁ ଅଧିକ ଚାପ ହେଲେ ଏହା ସହ୍ୟ କରିପାରେ ନାହିଁ ଏବଂ ପରିବେଶ ସଂକ୍ରାନ୍ତୀୟ ସମସ୍ୟା ସୃଷ୍ଟି ହୁଏ । ଆମେ ଭୂମି, ଜଳ ଇତ୍ୟାଦି ଭଳି ପାରିପାର୍ଶ୍ୱିକ ସାଧନକୁ ସୀମାତୀତ ଭାବରେ ବ୍ୟବହାର କଲେ ଏହାକୁ ସବୁଦିନ ପାଇଁ ହରାଇବାକୁ ପଡ଼ିପାରେ । ଏଣୁ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ସଚେତନତା ସୃଷ୍ଟି କରିବା ଆବଶ୍ୟକ । ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପରିବେଶ ସୁରକ୍ଷା ପାଇଁ ଉଦ୍ୟମ ଜାରି ରହିଥିବା ବେଳେ ପରିବେଶକୁ ଯତ୍ନର ସହିତ ବ୍ୟବହାର କରିବା ଓ ଏହାକୁ ସୁରକ୍ଷିତ କରିବାର ଗୁରୁଦାୟିତ୍ୱ ପ୍ରତ୍ୟେକ ନାଗରିକ ଉପରେ ନ୍ୟସ୍ତ ରହିଛି । ଏହି ଅଧ୍ୟାୟରେ ଆମେ ପରିବେଶର ଅଧୋଗତିର ଅର୍ଥ ଏବଂ ଏହାର କାରଣ ସଂପର୍କରେ ଏବଂ ପରିବେଶ ସଂରକ୍ଷଣର ଗୁରୁତ୍ୱ ବିଷୟରେ ଜାଣିବା ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟଟିକୁ ପଢ଼ିବା ପରେ ପାଠକ

- ପରିବେଶ ଅଧୋଗତି କୁ ବିଶ୍ଳେଷଣ କରିବାରେ ସକ୍ଷମ ହେବ ।
- ପରିବେଶ ଅଧୋଗତିର କାରଣ ସବୁକୁ ଚିହ୍ନଟ କରିପାରିବ ।
- ପରିବେଶ ଅଧୋଗତି ବିଷୟରେ ଗଢ଼ି ଉଠୁଥିବା ସଚେତନତା ବିଷୟରେ ଜାଣିପାରିବ ।
- ନିରନ୍ତର ବିକାଶ (Sustainable development) ବିଷୟରେ ବୁଝାଇ ପାରିବା ।
- ପରିବେଶ ସୁରକ୍ଷା ଦିଗରେ ଜାତୀୟ ଓ ଆନ୍ତର୍ଜାତୀୟ କାର୍ଯ୍ୟାନୁଷ୍ଠାନ ବିଷୟରେ ଜାଣିପାରିବା ।

## ୨୩.୧ ପରିବେଶର ଅଧୋଗତି

ପରିବେଶ ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ପରିବେଶର ପ୍ରଭାବ ଅଧ୍ୟୟନ ବିନା ଜୀବନକୁ ଜାଣିବା ଅସମ୍ଭବ । ଆମେ ପରିବେଶ ସୁରକ୍ଷାକୁ ଅବହେଳା କରିବା ଅର୍ଥ ନିଜ ଜୀବନକୁ ବିପନ୍ନ କରିବା । ଆମର ଦୈନନ୍ଦିନ ଜୀବନରେ ଆମେ ପରିବେଶ ସମ୍ବଳକୁ ବିନିଯୋଗ କରିଥାଉ । କିଛି ସମ୍ବଳକୁ ଆଉ ଥରେ ତିଆରି କରିହେବ ଏବଂ ଆଉ କିଛି ସମ୍ବଳକୁ ତିଆରି କରିହେବ ନାହିଁ । କୋଇଲା ଓ ପେଟ୍ରୋଲିୟମ୍ ଭଳି ପୁନଃ ସୃଷ୍ଟି ହେଉ ପାରୁନଥିବା ସମ୍ବଳର ବିନିଯୋଗ କଲାବେଳେ ସାବଧାନ ହେବା ଆବଶ୍ୟକ । କାରଣ ଏସବୁ



Notes

ଜିନିଷର ଅବକ୍ଷୟ ଥାଏ । ପ୍ରତ୍ୟେକ ମାନବ କର୍ମର ପ୍ରଭାବ ପରିବେଶ ଉପରେ ରହିଛି । କିନ୍ତୁ ଗତ ଦୁଇ ଶତାବ୍ଦୀ ମଧ୍ୟରେ ଜନସଂଖ୍ୟା ବୃଦ୍ଧି ଏବଂ ବିଜ୍ଞାନ କାରିଗରି କୌଶଳରେ ଅଭିବୃଦ୍ଧି ଯୋଗୁ ପରିବେଶ ଉପରେ ମଣିଷ କାର୍ଯ୍ୟକଳାପର ପ୍ରଭାବ ଯଥେଷ୍ଟ ବୃଦ୍ଧି ପାଇଛି । ଏହି ଦୁଇ ଉପାଦାନ ପରିବେଶର ଗୁଣାତ୍ମକ ଅବକ୍ଷୟ ଘଟାଇବାରେ ଓ ପରିବେଶ ନଷ୍ଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

ପରିବେଶର ଅବନତି ମଣିଷର ସ୍ଥିତି ପ୍ରତି ବିପଦ ସୃଷ୍ଟି କରିଛି । ମଣିଷ ସମାଜର ଭଲ ପାଇଁ ଯେ ପରିବେଶ ସଂରକ୍ଷଣ ନିହାତି ଆବଶ୍ୟକ ଏ ବିଷୟରେ ଧୀରେ ଧୀରେ ହୃଦୟଙ୍ଗମ କରିବା ଆବଶ୍ୟକ । ଭୂମି, ବାୟୁ ଓ ଜଳ ଭଳି ପ୍ରାକୃତିକ ସଂପଦକୁ ବିଜ୍ଞତାର ସହିତ ବ୍ୟବହାର କଲେ ବର୍ତ୍ତମାନ ଓ ଭବିଷ୍ୟତର ମଣିଷ ସମାଜ ପାଇଁ ଏକ ସୁସ୍ଥ ପରିବେଶ ସୃଷ୍ଟି କରାଯାଇ ପାରିବ ।

## ୨୩.୧.୧ ପରିବେଶ ସମସ୍ୟା

**ନିମ୍ନରେ କେତୋଟି ପରିବେଶ ସମସ୍ୟା ବିଷୟରେ କୁହାଯାଇଛି ।**

### (କ) ଭୂମି, ବାୟୁ ଓ ଜଳ :

ଭୂମି ଓ ଜଳ ପ୍ରଦୂଷଣ ବୃକ୍ଷଲତା,ପଶୁ ଓ ମଣିଷ ସମାଜର କ୍ଷତି ଘଟାଇଛି । ମୃତ୍ତିକାର ଗୁଣାତ୍ମକ ଅବକ୍ଷୟ ଯୋଗୁ ଚାଷୋପଯୋଗୀ ଭୂମି କମି ଯାଉଛି । ପ୍ରତ୍ୟେକ ବର୍ଷ ପ୍ରାୟତଃ ୫ରୁ ୭ନିୟୁତ ହେକ୍ଟର ଜମି କମି ଯାଉଛି । ପବନ ଓ ପାଣି ଯୋଗୁ ମୃତ୍ତିକାର କ୍ଷୟ ଘଟୁଛି ଏବଂ ଏହା ବିଶ୍ୱପାଇଁ ବହୁତ ମହଙ୍ଗା ପଡ଼ିବ । ବାରମ୍ବାର ବନ୍ୟା ହେଉଥିବା ଯୋଗୁ ପ୍ରଭୂତ କ୍ଷତି ହେଉଅଛି । ଏହାଦ୍ୱାରା ବନସଂପଦର କ୍ଷତି ହେଉଛି, ନଦୀ ଶଯ୍ୟା ପୋତି ହୋଇଯାଉଛି, ନିଷ୍କାସନ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି ଏବଂ ଧନଜୀବନ ହାନି ହେଉଛି । ପରମାଣୁ ବର୍ଜ୍ୟବସ୍ତୁକୁ ସମୁଦ୍ରରେ ଛାଡ଼ିବା ଦ୍ୱାରା ଏହାର ପାଣି ବିଷାକ୍ତ ହେଉଅଛି ଏବଂ ସମଗ୍ର ପ୍ରାକୃତିକ ପରିବେଶ ଦୂଷିତ ହେଉଅଛି ।

### (ଖ) ଜନସଂଖ୍ୟା ବୃଦ୍ଧି :

ଜନସଂଖ୍ୟା ବୃଦ୍ଧିର ଅର୍ଥ ହେଲା ଖାଇବାପାଇଁ ଓ ନିଃଶ୍ୱାସ ପ୍ରଶ୍ୱାସ ପାଇଁ ଅନେକ ଲୋକ ଏବଂ ଭୂମି ଓ ଜଙ୍ଗଲ ଉପରେ ଅତ୍ୟଧିକ ଚାପ ଏବଂ ଶେଷରେ ପରିବେଶ ସନ୍ତୁଳନ ପ୍ରତି ବିପଦ ସୃଷ୍ଟି ।

ଆମର କ୍ରମ ବର୍ଦ୍ଧିଷ୍ଣୁ ଜନସଂଖ୍ୟା ଭୂମି ଉପରେ ଅତ୍ୟଧିକ ଚାପ ଦେବା ହେତୁ ଉତ୍ପାଦନର ମାନ କମିଯାଉଛି । ପରିବେଶ ସନ୍ତୁଳନର ସହାୟକ ହେଉଥିବା ଜଙ୍ଗଲ ଧ୍ୱଂସ ପାଉଛି ଏବଂ ବନ୍ୟଜନ୍ତୁ ହ୍ରାସ ପାଉଛନ୍ତି । ଏସବୁ ଦ୍ୱାରା ପରିବେଶ ସନ୍ତୁଳନ ନଷ୍ଟ ହେଉଛି ଏବଂ ଅନେକ ପ୍ରକାରର ଜୀବଜନ୍ତୁ ଧରାପୃଷ୍ଠରୁ ଉଭାନ ହୋଇ ଯାଉଛନ୍ତି । ଜନସଂଖ୍ୟା ବୃଦ୍ଧି ପ୍ରାକୃତିକ ପରିବେଶ ପ୍ରତି ସମସ୍ୟା ସୃଷ୍ଟି କରିବା ସହିତ ସାମାଜିକ, ଆର୍ଥିକ ଓ ରାଜନୈତିକ ପରିବେଶ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି କରୁଛି ।

### (ଗ) ସହରୀ କରଣ :

ସହରୀ କରଣ ମଧ୍ୟ ପ୍ରଦୂଷଣର ଏକ ଉତ୍ସ ଏବଂ ଏହା ପରିବେଶ ପାଇଁ ବିପଦ ସୃଷ୍ଟି କରୁଛି । ସହରୀକରଣ ଅର୍ଥ ଗ୍ରାମାଞ୍ଚଳ ଛାଡ଼ି ସହର ଆଡ଼କୁ ଲୋକମାନେ ମୁହାଁଇବା । ଏହି ସହରୀ କରଣ ଯୋଗୁ ଅପରିଚ୍ଛନ୍ନତା, ବ୍ୟାଧି ଓ ବିପତ୍ତି ବୃଦ୍ଧି ହେଉଛି । ଏହି କ୍ରମ ବିର୍ଦ୍ଧିଷ୍ଣୁ ସହରୀକରଣ ଯୋଗୁ ପରିଚ୍ଛନ୍ନତା, ସ୍ୱାସ୍ଥ୍ୟ, ବାସଗୃହ, ଜଳ ଯୋଗାଣ ଏବଂ ବିଦ୍ୟୁତସରବରାହ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଉଛି । ଏବଂ ଏହା ପରିବେଶକୁ ପ୍ରଭାବିତ କରୁଛି । ଅପରପକ୍ଷରେ ଗ୍ରାମାଞ୍ଚଳରେ ଅତ୍ୟଧିକ ଜାଳେଣିକାଠ ସଂଗ୍ରହ, ଚାରଣଭୂମିର ଅପବ୍ୟବହାର ଏବଂ ଅନ୍ୟାନ୍ୟ ପ୍ରାକୃତିକ ସମ୍ବଳର ଅପଚୟ ଯୋଗୁ ପରିବେଶ ଧ୍ୱଂସ ହେଉଛି ।







**(ଘ) ଶିଳ୍ପକରଣ :**

ପରିବହନ ଓ ଗମନାଗମନ କ୍ଷେତ୍ରରେ ଉନ୍ନତି ସହିତ ଶିଳ୍ପକରଣ ପରିବେଶ ପ୍ରଦୂଷଣର ଅନ୍ୟ ଏକ କାରଣ । ଏହାଦ୍ୱାରା ପ୍ରାକୃତିକ ସମ୍ପଦର କ୍ଷୟ ମଧ୍ୟ ଘଟୁଛି । ଉଭୟ ପକ୍ଷେ,ଏହା ପ୍ରଭୂତ କ୍ଷତି ସାଧନ କରୁଛି । ଉତ୍ତପ୍ତ ପଦାର୍ଥ, ଅଙ୍ଗାରକାମ୍ଳ ଏବଂ ଅନ୍ୟାନ୍ୟ କଣିକା, ତେଜୋଷ୍କ୍ରିୟ ଆଣବିକ ବର୍ଜ୍ୟବସ୍ତୁ ଇତ୍ୟାଦି ପରିବେଶ ସମସ୍ୟା ସୃଷ୍ଟି କରିଥାନ୍ତି । ଅନ୍ୟପକ୍ଷରେ ଗତାନୁଗତିକ ଶକ୍ତି ଉତ୍ସର ବ୍ୟବହାର ଦ୍ୱାରା ପ୍ରାକୃତିକ ସମ୍ବଳର ହ୍ରାସ ଘଟିଥାଏ । ଆମେ ଭବିଷ୍ୟତ ବଂଶଧର ମାନଙ୍କପାଇଁ ଚିନ୍ତା ନ କରି ନିଜର ବିଶ୍ୱକୁ ତିଆରି କରୁଛେ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୩.୧

**ଠିକ୍ ଓ ଭୁଲ୍ ଉକ୍ତିକୁ ବାଛ ।**

୧। କୋଇଲା ଏକ ପୁନଃ ନବୀକରଣୀୟ ଉତ୍ସ ।

୨। ବିଜ୍ଞାନ ଓ କାରିଗରୀ କୌଶଳ କ୍ଷେତ୍ରରେ କ୍ଷୀପ୍ର ଉନ୍ନତି ପରିବେଶ, ଅବକ୍ଷୟ କରିବାର ଏକ ମୁଖ୍ୟ ଉପାଦାନ ।

୩। ଭାରତରେ ଜନସଂଖ୍ୟା ବୃଦ୍ଧି ପରିବେଶ ଦୂଷିତ କରୁନାହିଁ ।

୪। ବୃକ୍ଷରାଜି ଅଣ -ପୁନଃ ନବୀ କରଣୀୟ ସଂପଦର ଏକ ଉଦାହରଣ ।

## ୨୩.୨ ପରିବେଶ ସୁରକ୍ଷା ବିଷୟରେ ସଚେତନତା

ବିଗତ ଦୁଇ ଦଶନ୍ଧି ଧରି ପରିବେଶ ବିଶ୍ୱର ନିଷ୍ପତ୍ତି ନେଉଥିବା ବ୍ୟକ୍ତି ବିଶେଷ, ବୈଜ୍ଞାନିକ ଏପରିକି ସାଧାରଣ ଜନତାଙ୍କର ଦୃଷ୍ଟି ଆକର୍ଷଣ କରିଛି । ସେମାନେ ଦୁର୍ଭିକ୍ଷ, ମରୁଡ଼ି, ବନ୍ୟା, ଜାଳେଣିକାଠ ଓ ପଶୁଖାଦ୍ୟର ଅନାଟନ, ବାୟୁ ଓ ଜଳ ପ୍ରଦୂଷଣ, ମାରାତ୍ମକ ରାସାୟନିକ ପଦାର୍ଥ ଓ ବିକିରଣର ସମସ୍ୟା, ପ୍ରାକୃତିକ ସଂପଦର ଅବକ୍ଷେୟ, ବନ୍ୟଜନ୍ତୁଙ୍କ ବିଲୋପ ଏବଂ ଉଦ୍ଭିଦ ଓ ପ୍ରାଣୀ ଜଗତ ପ୍ରତି ବିପଦ ଆଦି ବିଷୟ ପ୍ରତି ସଚେତନ ହେଲେଣି । ବାୟୁ, ଜଳ, ମୃତ୍ତିକା ଓ ଉଦ୍ଭିଦଜୀବନ ଭଳି ପ୍ରାକୃତିକ ସମ୍ବଳର ସୁରକ୍ଷା ଯେ ନିହାତି ଜରୁରୀ ତାକୁ ଲୋକମାନେ ବୁଝିଲେଣି । କାରଣ ଏଗୁଡ଼ିକ ହେଲା ପ୍ରାକୃତିକ ପୁଞ୍ଜି ଯାହାଉପରେ ମଣିଷ ନିର୍ଭରଶୀଳ ।

ପରିବେଶ ଜନିତ ବିଷୟଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ । କାରଣ ଏଗୁଡ଼ିକର ସମାଧାନର ପନ୍ଥା ନ ବାହାରିଲେ ଭୟଙ୍କର ଅବସ୍ଥା ଉତ୍ପନ୍ନ ହେବ । ଏହି ପରିବେଶ ସମସ୍ୟାର ସମାଧାନ ନ ହେଲେ ଏ ପୃଥିବୀ ଭବିଷ୍ୟତ ବଂଶଧର ମାନଙ୍କ ପାଇଁ ବାସୋପଯୋଗୀ ହୋଇ ରହିବ ନାହିଁ । ଆମର ଏହି ଗ୍ରହର ଓ ଆମର ଆବଶ୍ୟକତା ଏକ ଓ ଅଭିନ୍ନ ।

ଭବିଷ୍ୟତର ଜୀବନ ପାଇଁ ଯେ ପରିବେଶର ସୁରକ୍ଷା ଓ ସଂରକ୍ଷଣ ନିହାତି ଆବଶ୍ୟକ ଏଥିରେ ସନ୍ଦେହ ନାହିଁ । ବାସ୍ତବିକ, ମଣିଷର ଆବଶ୍ୟକତାର ଅଭିବୃଦ୍ଧି ଘଟିଛି ଏବଂ ତଦନୁଯାୟୀ ପରିବେଶରେ ମଧ୍ୟ ପରିବର୍ତ୍ତନ ଆସିଛି । ଏହା ସତ୍ୟ ଯେ ପ୍ରକୃତି ଯଥେଷ୍ଟ ସହନଶୀଳ ଏବଂ ଏହା ନିଜକୁ ପୁନଃ ସୃଷ୍ଟି କରିପାରେ । ତଥାପି ଏହି କ୍ଷମତା ସସୀମ । ବିଶେଷ କରି ଜନସଂଖ୍ୟା ବୃଦ୍ଧି ଓ କାରିଗରୀ ବିଦ୍ୟା ଏହା ଉପରେ ଚାପ ସୃଷ୍ଟି କରିପାରେ । ଏଣୁ ଏହି ପରିବର୍ତ୍ତନଶୀଳ କ୍ଷଣଭଙ୍ଗୁର ପରିବେଶର ରକ୍ଷଣା ବେକ୍ଷଣା, ସଂରକ୍ଷଣ ଓ ଉନ୍ନୟନ ନିହାତି ଆବଶ୍ୟକ ।



Notes

## ୨୩.୩ ନିରନ୍ତର ବିକାଶର ଧାରଣା (The Concept of Sustainable Development)

୧୯୮୭ ମସିହାରେ ପରିବେଶ ଓ ଉନ୍ନୟନ ଉପରେ ହୋଇଥିବା ବିଶ୍ୱ କମିଶନ (ବ୍ରୁଣ୍ଡଲ୍ୟାଣ୍ଡ କମିଶନ) 'ଆମ ସମସ୍ତଙ୍କର ଭବିଷ୍ୟତ' ଶୀର୍ଷକ ରିପୋର୍ଟ ପ୍ରଦାନ କରିଥିଲା । ଏହି ରିପୋର୍ଟ ନିରନ୍ତର ବିକାଶ (Sustainable Development) ଧାରଣା ଉପରେ ଏହାକୁ ଗୁରୁତ୍ୱ ଦେଇଥିଲା ଓ ଲୋକାଦୃତ କରାଇଥିଲା । ନିରନ୍ତର ବିକାଶ (Sustainable Development) ର ଅର୍ଥ ହେଲା ଭବିଷ୍ୟତ ବଂଶଧରଙ୍କ ପାଇଁ କୌଣସି କ୍ଷତି ନ ଘଟାଇ ବର୍ତ୍ତମାନ ପିଢ଼ିର ଲୋକମାନଙ୍କର ଚାହିଦା ପୂରଣ କରିବା । ପ୍ରତ୍ୟେକ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ପରିବେଶର କିଛି ନା କିଛି କ୍ଷତି ଘଟାଇଥାଏ । ଉନ୍ନୟନ ଯୋଗୁଁ ହେଉଥିବା ପରିବେଶ ଅବକ୍ଷୟକୁ ଦୃଷ୍ଟିରେ ରଖିବା ଦରକାର ଓ ଉନ୍ନୟନ ଓ ପରିବେଶ ସୁରକ୍ଷା ମଧ୍ୟରେ ଏକ ସନ୍ତୁଳନ ରକ୍ଷାକରିବା ଆବଶ୍ୟକ । ଲୋକମାନଙ୍କର ନିରନ୍ତର ଉନ୍ନତି ଆଣିବା ଆମର ଉଦ୍ଦେଶ୍ୟ ହେବା ଉଚିତ୍ । ପରିବେଶ ଦ୍ୱାରା କେତେ ଲୋକ ଉପକୃତ ହେଉଛନ୍ତି ଏବଂ ଜୀବନର ଗୁଣାତ୍ମକ ମାନ କେତେ ମାତ୍ରାରେ ରକ୍ଷା କରାଯାଇ ପାରୁଛି ତାହା ଚିନ୍ତାର ବିଷୟ ହେବା ଦରକାର ।

କାର, ବ୍ରାଉନ୍, ଡ଼ାଲା, ସ୍କୁମାର ଭଳି ମୁଖ୍ୟସ୍ରୋତ ପରିବେଶବିତ୍ ମାନେ ଉନ୍ନୟନ ସହିତ ପରିବେଶ ସଂପର୍କରେ ଗୁରୁତ୍ୱ ଦେଇଛନ୍ତି । ମୁଖ୍ୟ ସ୍ରୋତ ସବୁଜ ବିଦ୍ୱାନମାନେ ପ୍ରଦୂଷଣ ଉପରେ ଏତେଟା ଗୁରୁତ୍ୱ ଦିଅନ୍ତି ନାହିଁ । ବରଂ ପୁନଃ ନବୀକରଣୀୟ ଶକ୍ତି ଉତ୍ସ ଓ ବର୍ଜ୍ୟ ବସ୍ତୁର ପୁନଃବିନିଯୋଗ ଉପରେ ଗୁରୁତ୍ୱ ଦିଅନ୍ତି । ଏମାନଙ୍କ ମତରେ ମୋଟ ଜାତୀୟ ଉତ୍ପାଦନ ଏବଂ ଏହାର ବୃଦ୍ଧି ଆମର ଉଦ୍ଦେଶ୍ୟ ହେବା ଉଚିତ ନୁହେଁ । ବରଂ ମଣିଷର ବାସ୍ତବ ଆବଶ୍ୟକତା ମେଣ୍ଟାଇବା ଧ୍ୟେୟ ହେବା ଆବଶ୍ୟକ । ସବୁଜବିତ୍‌ମାନେ କୁହନ୍ତି ବୃଦ୍ଧି କର୍କଟବ୍ୟାଧି ସଦୃଶ ଯାହାକି ସମୁଦାୟ ବିଶ୍ୱକୁ ବ୍ୟାପିଯାଇଥାଏ ଏବଂ ସମସ୍ତ ଜୀବନକୁ ନଷ୍ଟ କରିଥାଏ । ଏମାନେ ଯେଉଁ କ୍ଷୁଦ୍ରଶିଳ୍ପ ସ୍ୱାବଲମ୍ବୀ କରିବାରେ ସହାୟକ ତାକୁ ଗ୍ରହଣ କରିଥାନ୍ତି । ସେମାନେ ବିକ୍ଷିପ୍ତ ବିକେନ୍ଦ୍ରୀକରଣରେ ବିଶ୍ୱାସ କରନ୍ତି ।

ନିରନ୍ତର ବିକାଶ ଉନ୍ନୟନ ଅପେକ୍ଷା ପରିବେଶ ଉପରେ ବେଶି ଗୁରୁତ୍ୱ ଦେଇଥାଏ । ପରିବର୍ତ୍ତନ ଅପେକ୍ଷା ସ୍ଥାୟୀତ୍ୱରେ ବିଶ୍ୱାସ କରେ; ପାର୍ଥିବ ଉନ୍ନତି ଅପେକ୍ଷା ମଣିଷ ର ଆବା୍ୟକତାକୁ ସଂକୁଚିତ କରିବା ଉପରେ ପ୍ରାଧାନ୍ୟ ଦିଏ । ପରିବେଶର ବ୍ୟବହାର ଅପେକ୍ଷା ଏହାପ୍ରତି ସମ୍ବେଦନଶୀଳ ମନୋଭାବକୁ ଉତ୍ସାହିତ କରେ ଏବଂ ବଡ଼ ବଡ଼ ଗୋଷ୍ଠି ଅପେକ୍ଷା କ୍ଷୁଦ୍ର ଗୋଷ୍ଠି ଉପରେ ଆସ୍ଥା ପ୍ରକଟ କରେ । ଏହି ତଥ୍ୟ ପରିବେଶ ସହିତ ଉନ୍ନୟନ ଉପରେ ଗୁରୁତ୍ୱ ନ ଦେଇ ବୃଦ୍ଧିବିନା ପରିବେଶ ସମ୍ପର୍କରେ ଧ୍ୟାନ ଦେଇଥାଏ ।

ବାସ୍ତବିକ୍ ପରିବେଶ ଅଧୋଗତି ବନ୍ଦ ହେବା ଉଚିତ୍ । ହେଲେ ଉନ୍ନୟନ ଧାରା କାହିଁକି ବନ୍ଦ ହେବ ? ପରିବେଶ ଜନିତ ଉପକାରର ଶୃଙ୍ଖଳିତ ବ୍ୟବହାର କରାଯାଇ ପାରିଲେ ସର୍ବାଙ୍ଗୀନ ଉନ୍ନତି ସାଧିତ ହୋଇ ପାରିବ । ବିଦ୍ୱାନ୍ ଓ କ୍ରିୟାଶୀଳ ବ୍ୟକ୍ତିଙ୍କ ମତରେ ପରିବେଶର ଅବକ୍ଷୟକୁ ନିୟନ୍ତ୍ରଣ କରାଯାଇ ପାରିବ ଏବଂ ଯେଉଁମାନେ ଏହି ଅବକ୍ଷୟ ଘଟାଉଛନ୍ତି ସେମାନଙ୍କୁ ଉତ୍ତରଦାୟୀ କରାଯିବା ଉଚିତ୍ ଓ ସେମାନେ ପରିବେଶ ଉନ୍ନୟନରେ ସାମିଲ ହେବା ଆବଶ୍ୟକ । ଉନ୍ନୟନର ଦାବି ଓ ପରିବେଶର ବାଧ୍ୟ ବାଧକତାକୁ ଏକାଠି କରାଇ ପାରୁଥିବା ନୀତିର ଆବଶ୍ୟକତା ରହିଛି ।

## ୨୩. ୪ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରଚେଷ୍ଟା

ମିଳିତ ଜାତିସଂଘ ଆନୁକୁଲ୍ୟରେ ଅନୁଷ୍ଠିତ ପରିବେଶ ସଂପର୍କୀୟ ଷ୍ଟକହୋମ ବୈଠକ (୧୯୭୨) ପରେ ଭାରତରେ ପରିବେଶ ସଚେତନତାର ବୃଦ୍ଧି ଘଟିଛି । ଭାରତସରକାର ଅନେକ ପରିବେଶ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ପର୍ଯ୍ୟାବରଣ ଓ ଜଙ୍ଗଲ ବିଭାଗ ସୃଷ୍ଟି କରାଯାଇଛି ଏବଂ ପରିବେଶ ସୁରକ୍ଷା ପାଇଁ ୧୯୮୬ମସିହାରେ ଆଇନ ପ୍ରଣୟନ କରାଯାଇଛି ।







ଭାରତର ଜାତୀୟ ପରିବେଶ ନୀତିର ଉଦ୍ଦେଶ୍ୟ ବିଷୟରେ ଆମେ ଜାଣିବା ଦରକାର —

୧। ନିରାପଦ, ସୁସ୍ଥ, ଫଳଦାୟକ ଏବଂ ସୁନ୍ଦର ପରିବେଶ ସଂରକ୍ଷଣ ଓ ଗଠନ କର ।

୨। ଜୀବନ ଧାରଣର ମାନ ବୃଦ୍ଧି କରିବା ପାଇଁ ଗ୍ରାମୀଣ ଓ ସହରାଞ୍ଚଳ ବନ୍ଦୋବସ୍ତକୁ ଉନ୍ନୀତ ପରିଚାଳନା କର ।

୩। ବିକାଶ ଯୋଜନା ଗୁଡ଼ିକୁ ସୁସ୍ଥ ପରିବେଶ ନୀତି ଅନୁସାରେ କର ଏବଂ ପରିବେଶ ପ୍ରଭାବର ମୂଲ୍ୟାୟନ କରି ପ୍ରକୃଷ୍ଟ ପରିବେଶ ସମ୍ବନ୍ଧୀୟ ସୁରକ୍ଷା ପଦକ୍ଷେପ ଗ୍ରହଣ କର ।

୪। ପରିବେଶିକ ନିରାପତା ଭିତ୍ତିକ କାରିଗରୀ କୌଶଳକୁ ପ୍ରୋତ୍ସାହିତ କର, ସମ୍ବଳର ପ୍ରକୃଷ୍ଟ ବିନିଯୋଗ ଓ ବର୍ଜ୍ୟ ବସ୍ତୁର ପୁନଃ ବ୍ୟବହାର କର ।

୫। ପର୍ବତ, ବୃଷ୍ଟିଜନିତ ଜଙ୍ଗଲ ତୃଣରାଜି, ମରୁଭୂମି, ସିକ୍ତଭୂମି, ହ୍ରଦ, ବେଳାଭୂମି, ହେନ୍ତାଳ ଜଙ୍ଗଲ, ମୁହାଁଣ ଏବଂ ଦ୍ୱୀପ ଇତ୍ୟାଦି ଭଳି ପ୍ରାକୃତିକ ବାସସ୍ଥଳି ଓ ଅଭୟସ୍ଥଳୀ ସୃଷ୍ଟି କରି ଜୀବମଣ୍ଡଳର ବିଭିନ୍ନତାକୁ ସଂରକ୍ଷର କର ।

୬। ଜାତୀୟ ସାମୁଦ୍ରିକତଟବର୍ତ୍ତୀ ଅର୍ଥନୈତିକ ଅଂଚଳ ଅନ୍ତର୍ଗତ ପରିବେଶ ସୁରକ୍ଷା କର ।

୭। ସୁସ୍ଥ ପରିବେଶ ପାଇଁ ନିୟମାବଳୀ ପ୍ରସ୍ତୁତ କର ଏବଂ ଏହା ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ଏବଂ ସମ୍ବାଦ ସଂଗ୍ରହ ଓ ବିତରଣ ପାଇଁ ଫଳପ୍ରଦ ବ୍ୟବସ୍ଥା ଗ୍ରହଣ କର ।

୮। ବିଭିନ୍ନ ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହାସିକ ଓ ସାଂସ୍କୃତିକ କୀର୍ତ୍ତିରାଜି ଏବଂ ସେମାନଙ୍କ ପରିବେଶର ସଂରକ୍ଷଣ କର ।

୯। ପ୍ରତ୍ୟେକସ୍ତରରେ ପରିବେଶ ଶିକ୍ଷା ପ୍ରଦାନ କର ଓ ଜନ ସଚେତନତା ସୃଷ୍ଟି କର ।

୧୦। ପରିବେଶ ସୁରକ୍ଷା ଓ ଉନ୍ନୟନ ପାଇଁ ପରିବେଶ ବିଜ୍ଞାନ ଓ କାରିଗରୀ କୌଶଳ କ୍ଷେତ୍ରରେ ଗବେଷଣା ଓ ସାମାଜିକ ଅନୁସନ୍ଧାନକୁ ପ୍ରୋତ୍ସାହିତ କର ।

୧୧। ଦେଶ ମଧ୍ୟରେ ପ୍ରଚୁର ମାନବଶକ୍ତି ସୃଷ୍ଟିକର । ପରିବେଶ୍‌ବିତ୍ ଯୋଜନା ପ୍ରସ୍ତୁତକାରୀ ଏବଂ ଉଚ୍ଚମାନର ସଂଚାଳକ ମାନଙ୍କର କାର୍ଯ୍ୟକୁ ଜାତୀୟ ଉନ୍ନୟନର ଅଂଶଭାବରେ ସ୍ୱୀକୃତି ପ୍ରଦାନ କରେ ।

## ୨୩.୫ ପରିବେଶ ସୁରକ୍ଷା କ୍ଷେତ୍ରରେ ଜାତୀୟ ଓ ଆନ୍ତର୍ଜାତୀୟ ଅଙ୍ଗୀକାର

ପରିବେଶ ସୁରକ୍ଷା ପାଇଁ କ୍ରମବର୍ଦ୍ଧିଷ୍ଣୁ ସଚେତନତାର ଫଳ ସ୍ୱରୂପ ସାରା ବିଶ୍ୱରେ ଏ ଦିଗରେ ନୂତନ ପଦକ୍ଷେପମାନ ନିଆଯାଉଛି । ୧୯୭୨ମସିହା ଷ୍ଟକ୍‌ହୋମରେ ଅନୁଷ୍ଠିତ ବୈଠକ (ଯାହାକି ମାନବ ପରିବେଶ ଉପରେ ମିଳିତ ଜାତିସଂଘର ବୈଠକ ଭାବେ ଜଣାଶୁଣା)ରେ ଆମର ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧି, ଏକମାତ୍ର ସରକାର ମୁଖ୍ୟ ହିସାବରେ ଯୋଗ ଦେଇଥିଲେ । ଏହାର ୨୦ବର୍ଷ ପରେ ରିଓଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଯାହାକି 'ପରିବେଶ ଓ ଉନ୍ନୟନ ଉପରେ ମିଳିତ ଜାତିସଂଘ ବୈଠକ' ଭାବରେ ନାମିତ । ଶ୍ରୀମତୀ ଇନ୍ଦିରାଗାନ୍ଧୀ ପ୍ରଥମ କରି ଦର୍ଶାଇଥିଲେ ଯେ ଦାରିଦ୍ର୍ୟ ହେଉଛି ସବୁଠାରୁ ବଡ଼ ପ୍ରଦୂଷକ । ଜାତୀୟ ଓ ଅନ୍ତର୍ଜାତୀୟ ଉଦ୍ୟମ ଦ୍ୱାରା ଦାରିଦ୍ର୍ୟର ମୂଳୋତ୍ପାଟନ ନ ହେଲା ପର୍ଯ୍ୟନ୍ତ ଆମ ପୃଥିବୀକୁ ପରିବେଶ ବିପର୍ଯ୍ୟୟରୁ ବଞ୍ଚାଇବାକୁ ଚିନ୍ତା କରିବା ବୃଥା । ୟୁଏନ୍‌ଡ଼ିପି (UNDP), ବିଶ୍ୱବ୍ୟାଙ୍କ୍ ଏବଂ ଜାତିସଂଘର ଅନ୍ୟାନ୍ୟ ଅନୁଷ୍ଠାନ, ସ୍ଥାୟୀ ଉନ୍ନୟନ ପାଇଁ ଦାରଦ୍ର୍ୟ ଦୂରୀକରଣ ଯେ ଏକାନ୍ତ ଆବଶ୍ୟକ ସେ ବିଷୟରେ ମତ ଦେଇଛନ୍ତି । ବାସ୍ତବକ୍ଷେତ୍ରରେ ପରିବେଶ ନୀତି ଓ ଉନ୍ନୟନ ନୀତି ପରସ୍ପରର ପରିପୂରକ । ଦୀର୍ଘ – ମିଆଦି





ପରିବେଶିକ ସ୍ୱାର୍ଥ ଓ ଉନ୍ନୟନର ତୁରନ୍ତ ଆବଶ୍ୟକତା ମଧ୍ୟରେ ଥିବା ସଂଘର୍ଷର ଅବସାନ ଘଟିବା ଦରକାର । ଯଦି ସମଗ୍ର ବିଶ୍ୱର ତିନି ଚତୁର୍ଥାଂଶ ଲୋକ ଦାରିଦ୍ର୍ୟରେ ରୁହନ୍ତି ସେଠାରେ ସ୍ଥାୟୀ ବିଶ୍ୱଶୃଙ୍ଖଳା ସମ୍ଭବ ନୁହେଁ । ପରିବେଶ ଅଧିକାର ଓ ଉନ୍ନୟନ ଅଧିକାର ମିଳିତ ଭାବରେ ବିଶ୍ୱର ସମଗ୍ର ଜନତାଙ୍କ ଗଣତାନ୍ତ୍ରିକ ଓ ମାନବିକ ଅଧିକାରକୁ ତିଆରି କରେ ।

ସ୍ଥାୟୀ ଉନ୍ନୟନ ଓ ପରିବେଶ ସଂରକ୍ଷଣ ପାଇଁ ବିଶ୍ୱ ଆନ୍ଦୋଳନରେ ମଣ୍ଟ୍ରିଲ୍ ଚୁକ୍ତି ଓ ଜଳବାୟୁ ପରିବର୍ତ୍ତନ ଜୀବମଣ୍ଡଳ ବିଭିନ୍ନତା ଓ ଜଙ୍ଗଲ ଉପରେ ରିଓଠାରେ ହୋଇଥିବା ଚୁକ୍ତି ମାଇଲଖୁଣ୍ଟ ପରି । ଭାରତ ଏହି ଚୁକ୍ତିନମାକୁ ଗ୍ରହଣ କରିଛି ଏବଂ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଉଛି । UNDP ଦ୍ୱାରା ଆର୍ଥିକ ସହାୟତା ପାଇଥିବା ଏକ ପରିବେଶ- ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି । ବିଶ୍ୱବ୍ୟାଙ୍କ୍ ଦ୍ୱାରା ଅନୁମୋଦିତ ୩୧ଟି ଯୋଜନା ଶିଳ୍ପ ପ୍ରଦୂଷଣ ରୋକିବା ପାଇଁ ଗ୍ରହଣ କରାଯାଇଛି । ଏଥିରେ ୧୦୫ନିୟୁତ ଆମେରିକୀୟ ଡ଼ଲାର ଖର୍ଚ୍ଚ ହେବା । କ୍ଷୁଦ୍ର ଶିଳ୍ପ ପୁଂଜ ପାଇଁ ଏକ ତରଳବର୍ଜ୍ୟବସ୍ତୁ କାରଖାନା ଏବଂ ବଡ଼ ଶିଳ୍ପ ପାଇଁ ପୃଥକ୍ ଭାବେ ଏହାର ବ୍ୟବସ୍ଥାର ତଦାରଖ କରାଯାଉଛି । ଅଧିକ ପ୍ରଦୂଷଣ କରୁଥିବା ୧୭ଟି ପ୍ରଦୂଷକ ଶିଳ୍ପକୁ ଚିହ୍ନଟ କରାଯାଇଛି ଏବଂ ପ୍ରଦୂଷଣକୁ ନିୟନ୍ତ୍ରଣ କରିବାର ସମୟ ସୀମା ଧାର୍ଯ୍ୟ କରାଯାଇଛି । କିଛିଟା ନିର୍ଦ୍ଦିଷ୍ଟ ପ୍ରକାରର ଶିଳ୍ପ ଆରମ୍ଭ ପାଇଁ ପରିବେଶ – ଅନୁମତି ବାଧ୍ୟତାମୂଳକ କରାଯାଇଛି । ପରିବହନ ସମ୍ପର୍କିତ ପ୍ରଦୂଷଣ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରାଯାଇଛି ଏବଂ ଏତଦ୍‌ବ୍ୟତୀତ ପ୍ରଦୂଷଣମୁକ୍ତ ଇଞ୍ଜିନ୍‌ର ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଛି । ଅନେକ ଦ୍ୱିଚକ୍ର, ତ୍ରିଚକ୍ର ଓ ଆଦୃତ ହୋଇଥିବା ମୋଟଗାଡ଼ି କ୍ଷେତ୍ରରେ ଏହି ପ୍ରକାରର ଇଞ୍ଜିନ୍ ବ୍ୟବହାର କରାଗଲାଣି । ଗୋଟିଏ ଜାତୀୟ ଜଙ୍ଗଲ ଯୋଜନା ପ୍ରସ୍ତୁତ କରାଯାଇଛି । ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିବେଶ ଦଳ, ଜଙ୍ଗଲ ସୃଷ୍ଟି କାରୀ ଦଳ ଏବଂ ପରିବେଶ କାର୍ଯ୍ୟକାରୀ ଦଳ (Task Force) ଗଠନ କରାଯାଇଛି । ଭାରତର ବନ୍ୟପ୍ରାଣୀ ସଂରକ୍ଷଣ ପ୍ରକଳ୍ପ ଏ ଦିଗରେ ଅନେକ ସଫଳତା ଲାଭ କରିଛି । ଭାରତରେ ୭୫ଟି ଜାତୀୟ ଉଦ୍ୟାନ ଓ ୪୨୧ଟି ବନ୍ୟପ୍ରାଣୀ ଅଭୟାରଣ୍ୟ ଅଛି । ବ୍ୟାଘ୍ର ପ୍ରକଳ୍ପ ଗୁଡ଼ିକ ସଫଳ ହୋଇଛି । ଆମ ଦେଶରେ ଜଳ, ମୃତ୍ତିକା ଓ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ଅନେକ ଆଇନ ପ୍ରଣୟନ ହୋଇଛି ଏବଂ ଶିଳ୍ପ ପ୍ରକଳ୍ପ ପାଇଁ ପରିବେଶ ଅଡ଼ିଟ୍ (Audit) ର ବ୍ୟବସ୍ଥା ଅଛି । ଅନେକ ଦେଶରେ ଏସବୁ ସ୍ୱେଚ୍ଛାଧୀନ ଥିବାବେଳେ ଆମ ଦେଶରେ ଏହା ବାଧ୍ୟତା ମୂଳକ ଅଟେ । ପରିବେଶର ହିତସାଧନ କରୁଥିବା ସୌର୍ଯ୍ୟଶକ୍ତି, ପବନଶକ୍ତି ଓ ଜଳଶକ୍ତି ଭଳି ବିକଳ୍ପ ଓ ପୁନଃନବୀକରଣୀୟ ଶକ୍ତିଉତ୍ସର ବିକାଶ କରିବା ପାଇଁ ଭାରତ ପ୍ରଗାଢ଼ ଉଦ୍ୟମ କରୁଛି । ବିଶେଷକରି ସୌର୍ଯ୍ୟଶକ୍ତିର ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି ଓ ସେ ଦିଗରେ ବୈଷୟିକ ଉନ୍ନତି ଘଟିଛି ।

## ୨୩.୬ ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ଭାରତ ସରକାର ନେଇଥିବା କେତେକ ପଦକ୍ଷେପ:

୧। **ପରିବେଶ ଅଦାଲତ :** ପରିବେଶ ଦୂଷିତ କରୁଥିବା କାରଖାନାମାନଙ୍କ ବିରୁଦ୍ଧରେ ଲଢ଼ି ତୁରନ୍ତ ନ୍ୟାୟ ପାଇବା ପାଇଁ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା କରାଯାଇଛି ।

୨। **ଉତ୍ତମ ପରିବେଶ ସୃଷ୍ଟିକାରୀ ଦ୍ରବ୍ୟ :** ବଜାରରେ ମିଳୁଥିବା ଦ୍ରବ୍ୟମାନଙ୍କ ପାଇଁ ସରକାର କଠୋର ପରିବେଶ ମାନ ପ୍ରୟୋଗ କରିଛନ୍ତି । ଯେଉଁ ଦ୍ରବ୍ୟ ସେହି ମାନ ଅନୁସାରେ ତିଆରି ହୋଇଛନ୍ତି କିମ୍ୱା ସେମାନଙ୍କର କାର୍ଯ୍ୟକାରିତା ସେହି ମାନ ଅନୁସାରେ ଉପଲବ୍ଧ ସେମାନଙ୍କୁ ଉତ୍ତମମାନର (ISI) ମର୍ଯ୍ୟାଦା ଦିଆଯାଉଛି ।

୩। **ଶିଶାବିହୀନ ପେଟ୍ରୋଲ :** ତୈଳବିଶୋଧନାଗାରକୁ ପେଟ୍ରୋଲରୁ ଶିଶାକୁ ବାହାର କରିବା ପାଇଁ ପ୍ରବର୍ତ୍ତନା ଦିଆଯାଉଛି । ଭାରତରେ ପେଟ୍ରୋଲରେ ଶିଶାର ମାତ୍ରା ଯଥେଷ୍ଟ ଅଧିକ ଏବଂ ଏହା ଯାନବାହାନ ଦ୍ୱାରା ପ୍ରଦୂଷଣ ସୃଷ୍ଟି କରୁଛି ।



Notes



୪। **କ୍ଷତିକାରକ କୀଟନାଶକ ଉପରେ କଟକଣା :** ଆଠୋଟି ରାସାୟନିକ କୀଟନାଶକକୁ କ୍ଷତିକାରକ ବୋଲି ଦର୍ଶାଯାଇଛି । ତନ୍ମଧ୍ୟରୁ ଡ଼ିଡ଼ିଟି (DDT), ବିଏଚ୍‌ସି (BHC), ଆଲଡ୍ରିନ୍ ଓ ମାଲାଥିଅନ ବିଶେଷ ଭାବରେ କ୍ଷତିକାର । ଏବେ ସେଗୁଡ଼ିକ ବଦଳରେ ନିରାପଦ ଜୈବ-କୀଟ-ନାଶକ ବ୍ୟବହାରରେ ଗୁରୁତ୍ୱ ଦିଆଯିବାର ଯୋଜନା ଅଛି ।

୫। **ଜାତୀୟ ବର୍ଜ୍ୟବସ୍ତୁ ପରିଚାଳନା ପରିଷଦ :** ବର୍ତ୍ତମାନର ପ୍ରଧାନ କାର୍ଯ୍ୟ ହେଲା କିପରି ତାପଜ ବିଦ୍ୟୁତ୍ କେନ୍ଦ୍ରମାନ ପାଖରେ ଗଦା ହୋଇରହିଥିବା ୪୦ ନିୟୁତ ଟନ୍ ଫ୍ଲାଏଆସ (ପାଉଁଶ)ରୁ ଇଟା ପ୍ରସ୍ତୁତ କରିବା, ସହରାଞ୍ଚଳ ଆବର୍ଜନାରୁ ଶକ୍ତି ଉତ୍ପନ୍ନ କରିବା ଓ ନର୍ଦ୍ଦମାରୁ ସାର ପ୍ରସ୍ତୁତ କରିବା ।

୬। **ଲୋକ ଦାୟିତ୍ୱ ବୀମା (Public Liability Insurance)** : ପ୍ରତ୍ୟେକ କମ୍ପାନୀଙ୍କୁ ଲୋକ ଦାୟିତ୍ୱ ବୀମା କରିବା ପାଇଁ ବାଧ୍ୟ କରାଯାଇଛି ଓ ୪୮ ଘଣ୍ଟାମଧ୍ୟରେ ବୀମାରାଶି ଦେବା ପାଇଁ ବ୍ୟବସ୍ଥା ରହିଛି ।

୭। **ମୋଟର ଗାଡ଼ି ଦ୍ୱାରା ପ୍ରଦୂଷଣ :** ପ୍ରତ୍ୟେକ ମଟରଗାଡ଼ିର ପ୍ରଦୂଷଣ-ନିବାରଣ ବ୍ୟବସ୍ଥା ରହିବା ଉପରେ ନିୟମ କରାଯାଇଛି । ଯେଉଁ ଗାଡ଼ିରେ ଏହି ବ୍ୟବସ୍ଥା ରହିନାହିଁ ସେମାନଙ୍କର ଉପରେ ଜୋରିମାନା କରାଯାଉଛି । ଏବଂ ସେମାନଙ୍କୁ ରାସ୍ତାରେ ଗଡ଼ିବାକୁ ଅନୁମତି ଦିଆଯାଉନାହିଁ ।

୮। **ସମୁଦ୍ରତଟରେ ଥିବା ହୋଟେଲ୍ :** ସମୁଦ୍ରତଟବର୍ତ୍ତୀ ଯେଉଁ ହୋଟେଲ୍ ଗୁଡ଼ିକ ବେଳାଭୂମିକୁ ଅକ୍ତିଆର କରି ନିୟମ ଭଙ୍ଗ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।

୯। **ଜାତୀୟ ନଦୀ କାର୍ଯ୍ୟକାରୀ-ଯୋଜନା (Action-Plan) :** ଜାତୀୟ ନଦୀ କର୍ତ୍ତୃପକ୍ଷ ଗଠନ ପାଇଁ ଏକ ପ୍ରସ୍ତାବ ବିଚାରାଧୀନ ଅଛି । ଜାତୀୟ ସ୍ତରରେ ଜଳର ବିନିଯୋଗ ଓ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ନୀତି ପ୍ରସ୍ତୁତ କରିବା ଏହାର କାମ ।

୧୦। **ସୌରଶକ୍ତି ଆୟୋଗ :** ଶକ୍ତି ଉତ୍ପାଦନକାରୀ ମାନେ ବିଶେଷଭାବେ ପରିବେଶର କ୍ଷତି ଘଟାଉଥାନ୍ତି । ଏଣୁ ଏହି ଶକ୍ତି ଉତ୍ପାଦନକାରୀକୁ ବହୁଗୁଣିତ କରିବା ବଦଳରେ ଗ୍ରାମ୍ୟସ୍ତରରେ ଶକ୍ତି ବିକେନ୍ଦ୍ରିକରଣର ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଚିନ୍ତା କରାଯାଉଛି ।

୧୧। **ସାଧାରଣ ସ୍ଥାନମାନଙ୍କରେ ଧୂମପାନ ନିଷେଧ :** ସାଧାରଣ ସ୍ଥାନମାନଙ୍କରେ ଧୂମପାନକୁ ନିଷେଧ କରାଯାଇଛି । ଏହି ଦଗରେ ଦିଲ୍ଲୀ ସରକାର ସର୍ବାଗ୍ରେ ରହିଛନ୍ତି ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୩.୨

ପ୍ର. ୧। ପରିବେଶ ସମ୍ବନ୍ଧୀୟ ଅନୁଷ୍ଠିତ ଦୁଇଟି ବିଶିଷ୍ଟ ଆନ୍ତର୍ଜାତିକ ବୈଠକ ଚିହ୍ନିତ କର ।

(କ)

(ଖ)

ପ୍ର. ୨। 'ସ୍ଥାୟୀ ଉନ୍ନୟନ' ଧାରଣାକୁ ଜନାଦୃତ କରାଇ ଥିବା ବିଶ୍ୱ ଆୟୋଗର ନାମ କଣ ?

(କ)

ପ୍ର. ୩। ଭାରତର ଜାତୀୟ ପରିବେଶ ନୀତିର ତିନୋଟି ଉଦ୍ଦେଶ୍ୟ ଚିହ୍ନଟ କର ।

(କ)

(ଖ)

(ଗ)



Notes

ପ୍ର. ୪। ପରିବେଶ ପ୍ରଦୂଷଣକୁ ରୋକିବା ଲାଗି ଭାରତ ସରକାର ନେଇଥିବା ପଦକ୍ଷେପରୁ ତିନୋଟି ଚିହ୍ନଟ କର ।

(କ)

(କ)

(ଗ)

---

## ତୁମେ କ'ଣ ଶିଖିଲ

- ଆମର ଚତୁର୍ପାଶ୍ୱକୁ ପରିବେଶ କୁହାଯାଏ ।
- ଅଣଯୋଜନାବଦ୍ଧ ମାନବୀୟ କାର୍ଯ୍ୟାକଳାପ ପରିବେଶର ଅଧୋଗତି ପାଇଁ ଦାୟୀ ।
- ସ୍ଥାୟୀ ଉନ୍ନୟନର ଅର୍ଥ ଉନ୍ନୟନ ପରିବେଶମୁଖୀ ହେବା ଆବଶ୍ୟକ । ଏହା ପ୍ରକୃତିର ଶୃଙ୍ଖଳା ଓ ସନ୍ତୁଳନକୁ ନଷ୍ଟ କରିବା ଅନୁଚିତ ।
- ଅଙ୍ଗାରକାମ୍ଳ, କୀଟନାଶକ, ନର୍ଦ୍ଦମା, ଧୂମ, କୋଳାହଳ ପ୍ରଭୃତି ବିଭିନ୍ନ ପ୍ରକାରର ପ୍ରଦୂଷଣକାରୀ ପରିବେଶର ଅଧୋଗତି ଘଟାଇଛନ୍ତି ।
- ଏବେ ପ୍ରକୃତିକୁ ସଂରକ୍ଷଣ କରିବା ପାଇଁ ସଚେତନତା ବୃଦ୍ଧି ପାଉଛି । 'ସଂରକ୍ଷଣ କର ନୋହିଲେ ମର' ହେଉଛି ଆଜିର ସ୍ଲୋଗାନ ।
- ବର୍ତ୍ତମାନର ଲୋକମାନଙ୍କର କାର୍ଯ୍ୟକଳାପର ଫଳାଫଳ ଭବିଷ୍ୟତର ବଂଶଧରମାନେ ନ ଭୋଗିବା ପାଇଁ, ମିଳିତ ଜାତିସଂଘ, ଏହାର ବିଭିନ୍ନ ସଂସ୍ଥାମାନଙ୍କ ଜରିଆରେ ପରିବେଶର ସଂରକ୍ଷଣ ପାଇଁ ସମସ୍ତ ପ୍ରକାର ଉଦ୍ୟମ କରୁଛି ।
- ପ୍ରକୃତିକୁ ସୁରକ୍ଷିତ କରିବାପାଇଁ ଓ ପରିବେଶ ସଚେତନତାକୁ ଉତ୍ସାହିତ କରିବାପାଇଁ ଭାରତ ସରକାର ବିଭିନ୍ନ ଆଇନ ପ୍ରଣୟନ କରିଛନ୍ତି ଓ ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି ।

## ପାଠ୍ୟାନ୍ତର ଅଭ୍ୟାସ

୧। ପରିବେଶ, ଓ ପରିବେଶ ଅବକ୍ଷୟର ଅର୍ଥ କ'ଣ ବୁଝ ?

୨। ଯେକୌଣସି ଦୁଇଟି ପରିବେଶ ସମସ୍ୟା ସମ୍ପର୍କରେ ଆଲୋଚନା କର ।

୩। ନିରନ୍ତର ବିକାଶ (Sustainable development) କ'ଣ ? ବୁଝାଇ ଲେଖ ।

୪। ଉତ୍ତମ ପ୍ରାକୃତିକ ପରିବେଶ ସୃଷ୍ଟି ପାଇଁ ଭାରତ ସରକାର କ'ଣ କ'ଣ ପଦକ୍ଷେପ ନେଇଛନ୍ତି ?

## ବିଷୟ ଭିତ୍ତିକ ପ୍ରଶ୍ନାବଳୀର ଉତ୍ତର

**୨୩.୧**

୧। ଭୁଲ୍ ୨। ଠିକ୍ ୩। ଭୁଲ୍ ୪। ଭୁଲ୍ ।